## ଧରାକୋଟ ବ୍ଲକରେ ଖୋଲିଲା ୫ ମଣ୍ଡି



ଧରାକୋଟ,୩୧।୧୨(ସମିସ): ଧରାକୋଟ ବ୍ଲକରେ ଆଜି ପାଞ୍ଚ ଗୋଟି ଧାନ ମଣ୍ଡି ଖୋଲିଛି । ଢଉଗାଁ ସ୍ଥିତ ସେବା ସମବାୟ ସମିତିଠାରେ ସରକାରୀ ଧାନମଣ୍ଡି ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହୋଇଛି । ସରପଞ୍ଚ ମନୁ ପାତ୍ର ମଣ୍ଡିକୁ ପୂଜାର୍ଚ୍ଚନା କରିବା ପରେ ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ଧରାକୋଟ ବିଡ଼ିଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ସମବାୟ ସମିତି ସଭାପତି ସଞ୍ଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଓଲମ୍ବା, ମଛାକୋଟ, ସାବା, ମା' ଗ୍ରାମ ଦେବତୀ ସ୍ୱୟଂ ସହାୟକ ଗୋଷ୍ଠୀ କସେଇର ଧାନମଣ୍ଡିର ମଧ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ବହୁ ଜନ ପ୍ରତିନିଧି ଓ ଚାଷୀ ଉପସ୍ଥିତ ଥିଲେ ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୩୧।୧୨(ସମିସ): ବାଲିପଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତେଜସ୍ୱିନୀ ଦାଶ ଅବସର ଗ୍ରହଣ କରିଛନ୍ତି । ବିଇଓ ଚିନ୍ମୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କାର୍ଯ୍ୟକ୍ରମରେ ତାଙ୍କୁ ଉପଢୌକନ ସହ ଫାଇନାଲ ପେନସନ୍ ଅର୍ଡର ପ୍ରଦାନ କରାଯାଇଥିଲା । ବିଇଓ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଇଓ ଅମିତା କୁମାରୀ ପାଢୀ, ଏସ୍‌ଓ ପ୍ରିୟଦର୍ଶୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



## ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ



ଖଲ୍ଲିକୋଟ,୩୧।୧୨(ସମିସ): ଖଲ୍ଲିକୋଟ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ ଅନୁଷ୍ଠିତ ସଭାପତି ଡାକ୍ତର ହରପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଖଲ୍ଲିକୋଟ ରେଳ ଷ୍ଟେସନରେ ଫାଲାକ୍‌ନାମା ଓ ବିଶାଖା ଏକ୍ସପ୍ରେସ ଟ୍ରେନ୍ ରହଣି କରିଥିବାରୁ ଆସିକା ସାଂସଦ ଅନିତା ଶୁଭଦର୍ଶିନୀଙ୍କୁ ଧନ୍ୟବାଦ ଦେବା ସହିତ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା କୋଣାର୍କ ଓ ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ୍ ରହଣି କରିବାକୁ ଦାବି କରିଥିଲେ । ସେହିଭଳି ବରିଷ୍ଠ ନାଗରିକମାନଙ୍କୁ ଭତ୍ତା ପ୍ରଦାନ ଓ ଯେଉଁମାନେ ପାଇ ନାହାନ୍ତି, ସେମାନଙ୍କୁ ଶୀଘ୍ର ପରିଚୟ ପତ୍ର ପ୍ରଦାନ କରିବାକୁ ବୈଠକରେ ଦାବି ଉଠିଥିଲା ।

■ ବାପି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଜଗଦଲପୁର ଚାମ୍ପିଅନ୍

କୁକୁଡ଼ାଖଣ୍ଡି,୩୧।୧୨(ସମିସ): ଏହି ବ୍ଲକର ପୂର୍ବତନ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଓରଫ ବାପିଙ୍କ ସ୍ମୃତିରେ ସ୍ଥାନୀୟ ମିନି ଷ୍ଟାଡ଼ିୟମରେ ଗତ ରବିବାରଠାରୁ ଆରମ୍ଭ ହୋଇଥିବା ବାପି ଭାଇ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ ଜଗଦଲପୁର ଓ ବ୍ରହ୍ମପୁର ଦଳ ମଧ୍ୟରେ ହୋଇଥିଲା । ଏଥିରେ ଜଗଦଲପୁର ବିଜୟ ହୋଇଥିଲା । ବିଜୟୀ ଟିମ୍‌କୁ ୨୫ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ ଉପବିଜେତାଙ୍କୁ ୧୫ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥିଭାବେ ବିସିସି ବ୍ୟାଙ୍କ ସଭାପତି ଶିବରାମ ପାତ୍ର, ବୈଶିଷ୍ଟ ଜେନା, ଭବାନୀ ଶଙ୍କର ବିଶ୍ୱାଳ, ଜଗଦଲପୁର ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ଅବସରପ୍ରାପ୍ତ ସେନା କର୍ମଚାରୀ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସ୍ୱାଧିନ ଶତପଥୀ, ଖେଳ ଶିକ୍ଷକ ବନବାସୀ ସେଠୀ, ଅଦଳ ଚେନ୍ନାଇ ପ୍ରମୁଖ ମଞ୍ଚାସୀନ ଥିଲେ । ସଂଯୋଗ ପଟ୍ଟନାୟକ ମଞ୍ଚ ସଂଯୋଜନା କରିଥିଲେ ।



# ରାସ୍ତା ଓ ବିଜୁଳି ଅପେକ୍ଷାରେ ଦୁର୍ଗାବଞ୍ଜାର ଗ୍ରାମବାସୀ

ଭଞ୍ଜନଗର,୩୧।୧୨(ସମିସ):

ଅପହଞ୍ଚ ଇଲାକାରେ ରହୁଥିବା ଅଧିବାସୀଙ୍କ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ହେଲେ ଆଜି ବି ଏମିତି ଗାଁ ରହିଛି ଯେଉଁଠି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବିଜୁଳି ଆଲୁଅ ସାତ ସପନ । ଏପରି ଏକ ଗାଁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ହରିଗଡ ପଞ୍ଚାୟତର ଦୁର୍ଗାବଞ୍ଜାର । ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ଗାଁକୁ ଭଲ ରାସ୍ତା ନାହିଁ । ଲୋକଙ୍କ ପାଇଁ କୋଟି କୋଟି ଟଙ୍କା ସରକାର ଖର୍ଚ୍ଚ କରୁଥିଲେ ସୁଦ୍ଧା ଦୁର୍ଗାବଞ୍ଜାରକୁ ରାସ୍ତା ହୋଇପାରୁନଥିବା କ୍ଷୋଭର ସହ କହିଛନ୍ତି ଗ୍ରାମବାସୀ ।

ହରିଗଡ଼ ପଞ୍ଚାୟତର ଦୁର୍ଗାବଞ୍ଜାର ଗାଁଟି ଅନେକ ସମସ୍ୟାରେ ଜର୍ଜରିତ । ଉକ୍ତ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ସମସ୍ତେ ଦିନ ମଜୁରିଆ ଭାବେ ଜୀବନ ନିର୍ବାହ କରନ୍ତି । ହେଲେ ଆଜିଯାଏଁ ସରକାରଙ୍କ ଆବାସ ଯୋଜନାରୁ ଅନେକ ସୁଫଳ ପାଇପାରିନାହାନ୍ତି । ଲୋକଙ୍କ ପାଇଁ ସମସ୍ୟାର ଶୀର୍ଷରେ ରହିଛି ଯାତାୟାତ ଅସୁବିଧା । ଗାଁ ଲୋକଙ୍କ ପାଇଁ ଚାଷ ଜମି ହିଡ଼ ଯାତାୟାତର ମାଧ୍ୟମ



ହୋଇଥିବା ବେଳେ ପକ୍କା ପିଚୁ ରାସ୍ତା ତ' ଦୂରର କଥା ଏଯାଏଁ ଗାଁକୁ ମାଟି ମୁଠିଏ ପଡ଼ି ଚଉଡ଼ା ରାସ୍ତାଟିଏ ମଧ୍ୟ ହୋଇପାରିନାହିଁ । ରାସ୍ତା ଖଣ୍ଡିଏ ଦେଖିବାକୁ ସାହିର କେତେ ଯେ ଲୋକ ଭାବି ଭାବି ଆରପାରିକୁ ଚାଲିଗଲେଣି କେତେ ପୁରୁଷ ଧରି । ମୁଖ୍ୟ ରାସ୍ତାକୁ ଲାଗି ଦୁର୍ଗାବଞ୍ଜାରକୁ କେଇହାତେ ମାଟି ପଡ଼ିଥିଲେ ସୁଦ୍ଧା ବାକି ଦେଢ଼ କିମି ଚାଷ କିଆରି ରହିଛି । ଖରାଦିନେ କଷ୍ଟେମଷ୍ଟେ ଗାଁ ଲୋକେ ଚାଷଜମି ହିଡ଼ରେ ଯାତାୟାତ କରୁଥିବା ବେଳେ ବର୍ଷାଦିନେ ଏମାନଙ୍କ ଦୁଃଖ କହିଲେ ନସରେ । କେହି ଅସୁସ୍ଥ ହେଲେ ଡାକ୍ତରଖାନା ନେବା କଷ୍ଟକର ହୋଇପଡେ । ଅଗ୍ନିକାଣ୍ଡ ହେଉ କିମ୍ବା ପ୍ରସୂତି ଯନ୍ତ୍ରଣା ହେଉ ଗାଁକୁ ଦମକଳ କିମ୍ବା ଆମ୍ବୁଲାନ୍ସ ଯିବା ସ୍ୱପ୍ନ ପାଲଟିଯାଏ । ସେହିଭଳି ଗାଁକୁ ଆଜି ଯାଏ ବିଜୁଳି ସଂଯୋଗ ହୋଇନାହିଁ । ଫଳରେ ବର୍ଷସାରା ଲୋକଙ୍କୁ ହାତୀ ଓ ବାର୍‌ହା ସମେତ ଜଙ୍ଗଲୀ ଜନ୍ତୁଙ୍କ ଭୟ ରହୁଛି । ଏମିତିକି ଏଠାରେ ମିନି ଅଙ୍ଗନବାଡ଼ିଟିଏ ମଧ୍ୟ ନାହିଁ । ଜୀବିକା କହିଲେ, ହଳଦୀ ଓ ଧାନ ଚାଷ । ମହିଳାମାନେ ଖଲିପତ୍ର ସିଲେଇ କରନ୍ତି । କିନ୍ତୁ ରାସ୍ତା ନଥିବାରୁ ଉପାର୍ଜିତ ଦ୍ରବ୍ୟକୁ ସଠିକ ଦରରେ ବିକ୍ରି କରିପାରନ୍ତି ନାହିଁ । ଏହାରି ଭିତରେ ଗାଁ ଲୋକେ ଦୀର୍ଘବର୍ଷ ହେବ ରାସ୍ତା ଖଣ୍ଡେ ପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ଯାଏଁ ଅନେକ ଆପତ୍ତି ଅଭିଯୋଗ କରିଥିଲେ ବି କେହି ଶୁଣୁନଥିବା ଗାଁଲୋକ କହିଛନ୍ତି । ଖାଲି ଭୋଟ ଆସିଲେ ପାଇଁ ସାମୟିକ ଖୁସି ଦେଖାଇଥାଏ ।ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଗାଁ ଲୋକଙ୍କ ଜନ କଲ୍ୟାଣକାରୀ ସରକାର ସମୟରେ ଏଭଳି ଏକ ଅବହେଳିତ ସାହିକୁ ରାସ୍ତା ଖଣ୍ଡିଏ ନିର୍ମାଣ ନ ହେବା ଶାସନ ବ୍ୟବସ୍ଥା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ତେଣୁ ଏହା ଉପରେ ସ୍ଥାନୀୟ ଜନପ୍ରତିନିଧଙ୍କ ସମେତ ପ୍ରଶାସନ ଦୃଷ୍ଟି ଦେଲେ ଦୁର୍ଗାବଞ୍ଜାର ବାସୀ ନିଶ୍ଚିତ ଯାତାୟାତ ସମସ୍ୟାରୁ ମୁକ୍ତି ପାଇବେ ବୋଲି ମାଳ ବିକାଶ ମଞ୍ଚ ସଭାପତି ଶତ୍ରୁଘନ ଗୌଡ଼ ଆଶା ପ୍ରକାଶ କରିଛନ୍ତି ।

## ମହିଳାକୁ ମାରି ପୋଡ଼ିଦେବା ଘଟଣା; ଜେଲ୍ ଗଲେ ୫ ଭାଇ

ରଙ୍ଗେଇଲୁଣ୍ଡା,୩୧।୧୨(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ଫାଶୀନୂଆପଡ଼ାରେ ଗତ ୨୯ତାରିଖ ବିଳମ୍ବିତ ରାତିରେ ଜଣେ ମହିଳାକୁ ତାଙ୍କ ସ୍ୱାମୀ ପିଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଘଟଣାରେ ପୁଲିସ ପାଞ୍ଚ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନଙ୍କଠାରୁ ବାଉଁଶ ଲାଠି ଓ ଅଟୋ ଜବତ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଫାଶୀନୂଆପଡା ଗ୍ରାମର ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଏଲ.ରାମେୟା ରେଡି (୫୮), ଅନ୍ୟ ଭାଇ ଏଲ. ଦିଲେଶ୍ୱର ରେଡି (୫୩) ଏଲ କେଶବ ରେଡି (୫୬), ଏଲ. ଡମ୍ବରୁ ରେଡି (୪୪) ଓ ଏଲ.ଦେବରାଜ ରେଡି(୪୧) ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି ।



ଖବର ଅନୁଯାୟୀ, ଏହି ଥାନା ଅଧିନସ୍ଥ କନିଷି ଗ୍ରାମର ଡି ଦୁର୍ଯ୍ୟୋଦଧନ ପାତ୍ର ତାଙ୍କ ସାଙ୍ଗ ଗୌତମ ବେହେରା ମିଶି କୌଣସି କାମରେ ଗତ ୩୦ତାରିଖ ଦିନ ଫାଶୀନୂଆପଡ଼ା ଗ୍ରାମକୁ ଯାଇଥିଲେ । ସେଠାରେ ଗ୍ରାମର ଜଣେ ମହିଳା ଏଲ୍. ଗୌରୀ ରେଡୀଙ୍କୁ ହତ୍ୟା କରି ମୃତଦେହ ଗାଁ ମଶାଣିରେ ପୋଡ଼ି ଦିଆଯାଇଥିବା ଉଭୟ ଜାଣିବାକୁ ପାଇଥିଲେ । ଭୟରେ ଗ୍ରାମବାସୀମାନେ କାହାକୁ କିଛି କହୁନଥିଲେ ମଧ୍ୟ ପରସ୍ପର ମଧ୍ୟରେ ଟୁପୁରୁ ଟାପୁରୁ ହେଉଥିଲେ । ଏନେଇ ଦୁର୍ଯ୍ୟୋଧନ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ । ଖବର ପାଇ ଗୋଳନ୍ଥରା ପୁଲିସର ଏକ ଟିମ୍ ଗାଁରେ ପହଞ୍ଚି ପଚରା ଉଚରା କରିବା ପରେ ସ୍ୱାମୀ ରମେୟା ଓ ତାଙ୍କ ଭାଇ କେଶବ, ଡମ୍ବରୁ, ଦିଲେଶ୍ୱର ଓ ଦେବରାଜକୁ ଥାନାକୁ ଆଣି ପଚରା ଉଚରା କରିଥିଲା । ସ୍ତ୍ରୀ ଗୌରୀ ସହ ଝଗଡ଼ା ପରେ ରାଗି ଯାଇ ରାମେୟା ଏକ ବାଉଁଶରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ଜୀବନ ଚାଲି ଯାଇଥିଲା । ପରେ ସେ ୪ ଭାଇ ମାନଙ୍କୁ ଘଟଣା ସମ୍ପର୍କରେ କହିବା ସହ ଘରକୁ ଡାକିଥିଲେ । ସମସ୍ତେ ମିଶି ଡମ୍ବରୁଙ୍କ ଅଟୋରେ ଗୌରୀଙ୍କ ମୃତଦେହ ଗାଁ ମଶାଣିକୁ ନେଇ ପୋଡ଼ି ଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ । ବୁଧବାର ସନ୍ଧ୍ୟାରେ ୫ ଭାଇଙ୍କୁ ପୁଲିସ ଗିରଫ ପରେ କୋର୍ଟଚାଲାଣ କରିଛି ।

## ଗଞ୍ଜାମରୁ ଚୋରି ମିନିବସ୍ କଣ୍ଟିଲୋରୁ ଉଦ୍ଧାର: ୨ ଗିରଫ

ଜଗନ୍ନାଥପ୍ରସାଦ,୩୧।୧୨(ସମିସ): ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରୁ ଚୋରି ମିନିବସ୍ ନୟାଗଡ଼ କଣ୍ଟିଲୋରୁ ଉଦ୍ଧାର ହୋଇଛି । ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଜଗନ୍ନାଥପ୍ରସାଦ ପଞ୍ଚାୟତ କ୍ରିୟାଧର ଗ୍ରାମର ପ୍ରଫୁଲ ଯାନୀଙ୍କ ପୁଅ ଜଗମୋହନ ଯାନୀ (୨୨) ଓ ସ୍ୱର୍ଗତ ଇନ୍ଦ୍ରମଣି ପ୍ରଧାନଙ୍କ ପୁଅ ସୁଶାନ୍ତ ପ୍ରଧାନ (୨୦) ।

ସୂଚନା ପ୍ରକାରେ, ଜଗନ୍ନାଥପ୍ରସାଦ ଥାନା ଇଲାକାରୁ ଗତ ୩୦ ତାରିଖ ମଧ୍ୟ ରାତିରେ ମୁକ୍ତେଶ୍ୱର ନାମକ ଏକ ମିନିବସ୍ ଚୋରି ହୋଇଥିବା ମାଲିକ ପ୍ରଶାନ୍ତ କୁମାର ସେଠୀ ଥାନାରେ ଅଭିଯୋଗ କରିଥିଲେ । ଏନେଇ ମାମଲା ରୁଜୁ କରିବା ସହ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ତଦନ୍ତ ଆରମ୍ଭ କରିଥିଲେ । କଣ୍ଟିଲୋ ନୀଳମାଧବ ମନ୍ଦିର ପାର୍କିଂରେ ଉକ୍ତ ବସ୍ ରହିଥିବା ପୁଲିସ ଜାଣିବାକୁ ପାଇଥିଲା । ଏଠାକାର ପୁଲିସ ଖଣ୍ଡପଡ଼ା ଥାନା ସହିତ ଯୋଗାଯୋଗ କରି ବସ୍‌ଟିକୁ ଉଦ୍ଧାର କରିବା ସହ ୨ ଯୁବକକୁ ଅଟକ ରଖିଥିଲା । ଜଗନ୍ନାଥପ୍ରସାଦ ପୁଲିସ ପହଞ୍ଚି ଉଭୟଙ୍କୁ ଆଜି କୋର୍ଟଚାଲାଣ କରିଥିବା ତଦନ୍ତକାରି ଅଧିକାରୀ ଏସଆଇ ଜ୍ୟୋତି ରଞ୍ଜନ ସାହୁ ସୂଚନା ଦେଇଛନ୍ତି ।




## ଅତ୍ୟାଧୁନିକ ମେଡିକାଲ ନିର୍ମାଣ ପାଇଁ ଶିଳାନ୍ୟାସ

ଆସିକା,୩୧।୧୨(ସମିସ): ଆସିକା ନିର୍ବାଚନ ମଣ୍ଡଳୀର ନୂଆ ବାବନପୁରଠାରେ ଅତ୍ୟାଧୁନିକ ଉପଖଣ୍ଡ ମେଡିକାଲ ପାଇଁ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢ଼ୀ ଏଠାରେ ଶିଳାନ୍ୟାସ କରିଛନ୍ତି । ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ପାଖାପାଖି ୪ରୁ ୫ ଏକର ସ୍ଥାନରେ ୧୧୨ ଶଯ୍ୟା ବିଶିଷ୍ଟ ଏହି ମେଡିକାଲ ନିର୍ମାଣ ନିମନ୍ତେ ପ୍ରାୟ ୪୫କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଦୁଇବର୍ଷ ମଧ୍ୟରେ କାମ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି । ଆସନ୍ତା ୨୦୨୭ରେ ଏହା ସମ୍ପୂର୍ଣ୍ଣ କରାଯିବ ବୋଲି ବିଧାୟକ କହିଛନ୍ତି ।



ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଆରଏସ୍‌ଏସ୍‌ର ହିମାଂଶୁ ଶେଖର, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ତହସିଲଦାର ସଂଗୀତା ସେନ, ବିଡ଼ିଓ ରାଜେନ୍ଦ୍ର ନାୟକ, କବିସୂର୍ଯ୍ୟନଗରର ଭାରପ୍ରାପ୍ତ ଅଧ୍ୟକ୍ଷ ବିରେନ ଖଟେଇ, ଆସିକା ପଂଚାୟତ ସମିତିର ଉପାଧ୍ୟକ୍ଷା ରେଶମା ଦୋରା, ଆସିକା ଉପଖଣ୍ଡ ମେଡିକାଲର ଅଧିକ୍ଷକ ଡାକ୍ତର ବାଲ ଗୋପାଳ ବେହେରା, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ସତ୍ୟ ରଞ୍ଜନ ପରିଡା, ସହ ନିର୍ବାହୀ ଯନ୍ତ୍ରୀ ପ୍ରତାପ ନାୟକ, ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ପ୍ରଧାନ, ସହ ନିର୍ବାହୀ ଯନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ସାହୁ, ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ, ବରିଷ୍ଠ ବିଜେପି ନେତା ବିଜୟ ସ୍ୱାଇଁ, ସଙ୍ଗୀତ ପାଢ଼ୀ, ଭଗବାନ ସାହୁ, ଅନିଲ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଧାକୃଷ୍ଣ ପାଠାଗାରରେ ଚକରା ବିଷୋୟୀ ଜୟନ୍ତୀ

ଭଞ୍ଜନଗର,୩୧।୧୨(ସମିସ): ରାଧାକୃଷ୍ଣ ପାଠାଗାର ବାଉଁଶଲୁଣ୍ଡି ତରଫରୁ ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ୧୦୩ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଚକରା ବିଷୋୟୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଶିକ୍ଷକ ପଞ୍ଚାନନ ସାହୁ ଚକରା ବିଷୋୟୀଙ୍କ ସ୍ମୃତି ସମ୍ପର୍କୀତ ଏକ ସଂଗ୍ରାମୀ କବିତା ପରିବେଷଣ କରିଥିଲେ । ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲ୍ଲା କମିଟି ସଭ୍ୟ ଦୀନବନ୍ଧୁ ଜେନା ମୁଖ୍ୟ ଅତିଥି, ଘୁମୁସର ସମ୍ବାଦ ସମ୍ପାଦକ ନେତାଜୀ ବିଷୋୟୀ ସମ୍ମାନିତ ଅତିଥି ଓ ରୁଢାପଦର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଗୌରହରି ବାଡ଼ତ୍ୟା ମୁଖ୍ୟବକ୍ତା ରୂପେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ବହୁ ସଦସ୍ୟ ଯୋଗ ଦେଇଥିଲେ ।



## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବେଲଗୁଣ୍ଠା,୩୧।୧୨(ସମିସ): ଏହି ବ୍ଲକ୍ ଅନ୍ତର୍ଗତ ବାଲିଭାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟ ବିଷୋୟୀଙ୍କୁ ବାଲିଭାଗ ଗ୍ରାମବାସୀଙ୍କ ତରଫରୁ ଭାବବିହ୍ୱଳ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର ଗୌଡ଼ଙ୍କ ନେତୃତ୍ୱରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ଶ୍ରୀ ବିଷୋୟୀ ୨୦୧୯ ରୁ ବାଲିଭାଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୂପେ ଦାୟିତ୍ୱ ତୁଲାଇ ଆସୁଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ଅକ୍ଷୟ କୁମାର ଗୌଡ଼, ଶିକ୍ଷାବିତ୍ ସୂର୍ଯ୍ୟମଣି ଗୌଡ଼, ପ୍ରଫୁଲ୍ଲ ଗୌଡ଼, ରଞ୍ଜିତ୍ ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।

## ବାଇଗଣବାଡ଼ି ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶୁଭାରମ୍ଭ

କୁକୁଡ଼ାଖଣ୍ଡି,୩୧।୧୨(ସମିସ): କୁକୁଡାଖଣ୍ଡି ବ୍ଲକ୍ ବାଇଗଣବାଡି ସମବାୟ ସମିତି ପକ୍ଷରୁ ଆଜି ଧାନମଣ୍ଡିର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ତହସିଲଦାର, ଧାନ ମିଲର, ସମବାୟ ସମିତିର ସମ୍ପାଦକ, ସଭାପତି ସହ ବହୁ ଚାଷୀ ଉପସ୍ଥିତ ଥିଲେ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ପ୍ରଥମେ ପୂଜାର୍ଚ୍ଚନା ପରେ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ତହସିଲଦାର ଚାଷୀଙ୍କ ସୁବିଧା ଓ ସ୍ୱଚ୍ଛ ଧାନ କ୍ରୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ସମବାୟ ସମିତି ସଭାପତି ଓ ସମ୍ପାଦକ ଚାଷୀମାନଙ୍କୁ ସରକାରୀ ନିୟମ ଅନୁଯାୟୀ ସମୟରେ ଧାନ କ୍ରୟ ଓ ଦେୟ ପ୍ରଦାନ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ । ଧାନମଣ୍ଡି ଆରମ୍ଭ ହେବାରୁ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଛି ।



ଜିଲ୍ଲାରେ ଚାଲିଛି ଧାନ ସଂଗ୍ରହ ପ୍ରକ୍ରିୟା

# ଏସ୍‌ଏଚ୍‌ଜିଙ୍କ ସାମିଲକୁ ଚାଷୀଙ୍କ ବିରୋଧ

■ ବାଦ୍ ପଡିଥିବା ଏସ୍‌ଏଚ୍‌ଜିଙ୍କୁ ପୁନଃ ନିଯୁକ୍ତ ପାଇଁ ଦାବି
■ ବଳକା ଧାନ ମଣ୍ଡି ଗୁଡିକ ଖୁବ୍‌ଶୀଘ୍ର ଖୋଲାଯିବ- ଯୋଗାଣ ବିଭାଗ

ଛତ୍ରପୁର,୩୧।୧୨(ସମିସ):

ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ହେଲେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱୟଂ ସହାୟିକା ମହିଳାଗୋଷ୍ଠୀଙ୍କୁ ସାମିଲ କରାଯାଇଥିବା ବେଳେ ଚାଷୀମାନେ ବିରୋଧ କରୁଥିବା ଦେଖିବାକୁ ମିଳିଛି । ପୁଣି ଅନ୍ୟ କେତେକ ସ୍ଥାନରେ ମହିଳାଗୋଷ୍ଠୀଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ବାଦ୍ ଦିଆଯାଇଥିବା ନେଇ ମହିଳା ଗୋଷ୍ଠୀମାନେ ଅଭିଯୋଗ କରୁଥିବା ନଜରକୁ ଆସିଛି । ଅନ୍ୟପକ୍ଷରେ ଚଳିତବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କୁ ସାମିଲ୍ କରିବା ପୂର୍ବରୁ ସେମାନଙ୍କ ଭିତ୍ତିଭୂମି ଏବଂ ସୁରୁଖୁରୁରେ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ସମସ୍ତ ପ୍ରକାର ପରିଚାଳନା ନିମନ୍ତେ ବ୍ୟବସ୍ଥା ରହିଥିବାକୁ ନେଇ ଅନୁଧାନ କରିବାକୁ ହେବ । ଯଦି କୌଣସି ମହିଳା ଗୋଷ୍ଠୀ ଏସମସ୍ତ ପ୍ରକାର ବ୍ୟବସ୍ଥା ମଧ୍ୟରେ ନାହାନ୍ତି କିମ୍ବା ଗଲାବର୍ଷ ଧାନ ସଂଗ୍ରହରେ ସଠିକ୍ ଭାବେ ପରିଚାଳନା କରିନଥିବା ମହିଳା ଗୋଷ୍ଠୀଙ୍କୁ ଚଳିତ ବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ବାଦ୍ ଦେବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି ମଙ୍ଗଳ ବିଭାଗର ଅତିରିକ୍ତ ସଚିବ ସୁଦାମ ଚରଣ ମଣ୍ଡଳ ଗତ ୧୮ ତାରିଖରେ ପତ୍ର ସଂଖ୍ୟା ୨୧୪୮୮ରେ ସମସ୍ତ ଜିଲ୍ଲାପାଳମାନଙ୍କୁ ଅବଗତ କରାଇଛନ୍ତି । ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ୯୨ଟି ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କୁ ସାମିଲ କରାଯାଇଥିଲା । ଗତ ଦୁଇଦିନ ମଧ୍ୟରେ ଆଉ ୩୬ଟି ମହିଳା ଗୋଷ୍ଠୀଙ୍କୁ ଏହି ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଛି । ଯେଉଁ ମହିଳା ଗୋଷ୍ଠୀଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଛି ସେମାନଙ୍କ ଭିତ୍ତିଭୂମି ଏବଂ ଚାଷୀଙ୍କ ଠାରୁ ସୁରୁଖୁରୁରେ ଧାନ କିଣିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିଛି ତାହାକୁ ନେଇ ବାସ୍ତବରେ ଅନୁଧାନ କରାଯାଇଛି ନା, କାହାରି ଚାପରେ ବିଗତ ବର୍ଷ ଗୁଡିକ ଠାରୁ ଚଳିତ ବର୍ଷ ଏତେ ସଂଖ୍ୟକ ମହିଳା ଗୋଷ୍ଠୀଙ୍କୁ ସାମିଲ କରାଯାଇଛି ବୋଲି ଋଷିକୂଲ୍ୟା ରୟତ ସଭାର ସମ୍ପାଦକ ସିମାଚଂଳ ନାହାକଙ୍କ ଠାରୁ ବିଭିନ୍ନ ଚାଷୀ ସଂଗଠକମାନେ ଅଭିଯୋଗ କରିଛନ୍ତି । ଚଳିତବର୍ଷ ଜିଲ୍ଲାର ଧାନ ସଂଗ୍ରହ ପ୍ରକ୍ରିୟାରେ ୪୭୬ଟି ପିପିସି, ଗୋଟିଏ ପାଣିପଂଚାୟତକୁ ସାମିଲ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୩୩୮ ଜଣ ମିଲର୍‌ମାନଙ୍କୁ ବିଭିନ୍ନ ପ୍ୟାକସ୍ ଓ ମହିଳା ଗୋଷ୍ଠୀମାନଙ୍କ ସହ ଟ୍ୟାଗ୍ କରାଯାଇଛି । ୨୦୩ ଟି ମିଲରକୁ ମାସ ସାସ ପ୍ରଦାନ କରାଯାଇଛି । ବୁଧବାର ମାଧ୍ୟାହ୍ନ ସୁଦ୍ଧା ୪୫ ଜଣ ଚାଷୀଙ୍କ ୧୭୧୭ କ୍ୱିଂଟାଲ ଧାନ କିଣାଯାଇଛି । ସେଥିରୁ ୧୭ଜଣ ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ଟଙ୍କା ପଠାଯାଇଥିବା ଜଣାପଡିଛି । ଜିଲ୍ଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ନିମନ୍ତେ ଟାର୍ଗେଟ ରହିଥିବା ବେଳେ ୭ଲକ୍ଷ ୭୮ ହଜାର କ୍ୱିଣ୍ଟାଲ ଅନଲାଇନରେ ଅପଟେଡ଼ କରାଯାଇଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ସୂଚନା ଦେଇଛନ୍ତି । ଗତ ୨୩ତାରିଖଠୁ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ବର୍ତ୍ତମାନ ଜିଲ୍ଲାରେ ୨୭ଟି (ପିପିସି) ଧାନ ମଣ୍ଡି ଖୋଲାଯାଇଥିବାବେଳେ ବଳକା ଖୁବ ଶ୍ରୀଘ୍ର ଅନ୍ୟ ମଣ୍ଡିଯାକ ଖୋଲାଯିବ ବୋଲି ମଧ ଶ୍ରୀ ରାଉତରାୟ କହିଥିଲେ । ଅନ୍ୟପଟେ ଚଳିତ ବର୍ଷ ୧ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ଧାନ ବିକିବା ନିମନ୍ତେ ନାମ ପଞ୍ଜିକରଣ କରିଥିବା ବେଳେ ସାଟେଲେଟ ସର୍ଭେ ପରେ ୧ଲକ୍ଷ ୫୪ ହଜାର ୫୫୩ ଚାଷୀ ଏକ୍ଟିଭ ରହିଛନ୍ତି । ସର୍ଭେ ସମ୍ପୂର୍ଣ୍ଣ ହେବା ପରେ ଆହୁରୀ ଅନେକ ଚାଷୀ ଏଥିରୁ ବାଦ ପଡିବାର ସମ୍ଭାବନା ରହିଛି ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବ୍ରହ୍ମପୁର,୩୧।୧୨(ସମିସ): ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ରାତ୍ର ଜଗୁଆଳୀ ଏମ୍. ସୀମାଞ୍ଚଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏନେଇ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୀମାଞ୍ଚଳଙ୍କ ବିଦ୍ୟାଳୟ ପ୍ରତି ରହିଥିବା କର୍ତ୍ତବ୍ୟ ଏବଂ ତାଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ସବିତା ପଣ୍ଡା, ଜି. ଗଉରୀ ରେଡ୍ଡୀ, ସୂର୍ଯ୍ୟନାରାୟଣ ଶତପଥୀ, ସବିତା ପଣ୍ଡା, ସନ୍ଧ୍ୟାରାଣୀ ବେହେରା, ରୀତାରାଣୀ ଦାଶ, ଦୀଲ୍ଲି କୁମାର ଦାଶ ଓ ଝୁନୁ ବେଜ ପ୍ରମୁଖ ଉପସ୍ଥିତ ଥିଲେ ।



## ଜିଲ୍ଲାର ୬୧ଟି ବିଦ୍ୟାଳୟରେ ନାହିଁ ସୁରକ୍ଷା ପାଚେରି

# ଅସୁରକ୍ଷିତ ଭିତ୍ତିଭୂମି, ବିପଦରେ ଛାତ୍ରଛାତ୍ରୀ

ବ୍ରହ୍ମପୁର,୩୧।୧୨(ସମିସ): ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷାଦାନ ନିମନ୍ତେ ଭିତ୍ତିଭୂମିରେ ବିକାଶର ଆବଶ୍ୟକତା ରହିଛି। କିନ୍ତୁ ଗଞ୍ଜାମ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ରହିଥିବା କିଛି ବିଦ୍ୟାଳୟର ଭିତ୍ତିଭୂମି ଅସୁରକ୍ଷିତ ହୋଇପଡ଼ିଛି। ଏଭଳି ଭାବେ ଜିଲ୍ଲାର ୬୧ଟି ବିଦ୍ୟାଳୟରେ ସୁରକ୍ଷା ପାଚେରି ନଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଅସୁରକ୍ଷିତ ମନେ କରୁଛନ୍ତି। ବିଦ୍ୟାଳୟ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ବର୍ତ୍ତମାନ ଅସୁରକ୍ଷିତ ହୋଇ ପଡ଼ିଛି। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାରେ ମୋଟ ୩୦୩୫ଟି ସରକାରୀ ବିଦ୍ୟାଳୟ ରହିଥିବା ବେଳେ




ସେଥି ମଧ୍ୟରୁ ୬୨୪ଟି ଉଚ୍ଚ ବିଦ୍ୟାଳୟର ରହିଛି। ବିଦ୍ୟାଳୟର ପରିସରରେ ଉଭୟ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାବେଳେ ବହୁ ମୂଲ୍ୟ ବୈଦୁତିକ ଯନ୍ତ୍ରପାତି ଠାରୁ ଆରମ୍ଭ କରି ମୂଲ୍ୟବାନ ଆସବାବ ପତ୍ର ମଧ୍ୟ ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ବହୁ ଶିକ୍ଷାନୁଷ୍ଠାନର ସୁରକ୍ଷା ପାଚେରି ନଥିବା ବେଳେ ରାତ୍ର ଜଗୁଆଳ କିମ୍ବା ସୁରକ୍ଷା କର୍ମୀ ନାହାନ୍ତି। ଯାହାଫଳରେ ଅନେକ ସମୟରେ ବିଭିନ୍ନ ବ୍ଲକର ଉପାନ୍ତ ଅଞ୍ଚଳରେ ରହିଥିବା ବିଦ୍ୟାଳୟ ମାନଙ୍କରେ ଚୋରି ହେଉଥିବା ଅଭିଯୋଗ ମଧ୍ୟ ଆସିଛି। ପୂର୍ବ ସରକାରଙ୍କ ଅମଳରେ ଗଞ୍ଜାମ ଜିଲ୍ଲାର ଅଧିକାଂଶ ହାଇସ୍କୁଲ୍‌କୁ '୫-ଟି'ରେ ରୂପାନ୍ତରୀକରଣ କରାଯାଇ ବିଦ୍ୟାଳୟରେ ରହିଥିବା ଭିତ୍ତଭୂମିର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦିଆଯାଉଥିଲା। ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ୨୬୬ଟି ବିଦ୍ୟାଳୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଜିଲ୍ଲାର ଅତ୍ୟନ୍ତ ଆବଶ୍ୟକ ପଡୁଥିବା ବିଦ୍ୟାଳୟ ମାନଙ୍କରେ ସୁରକ୍ଷାକର୍ମୀ ନିଯୁକ୍ତି ପ୍ରଦାନ କରିଥିବା ବେଳେ ଅନ୍ୟ କିଛି ବିଦ୍ୟାଳୟରେ ରାତ୍ର ଜଗୁଆଳ ମଧ୍ୟ ରହିଛନ୍ତି। ଏହା ପରେ ମଧ୍ୟ ଜିଲ୍ଲାର ବହୁ ବିଦ୍ୟାଳୟ ସୁରକ୍ଷା ପାଚେରି ଓ ରାତ୍ର ଜଗୁଆଳ ନଥିବାରୁ ବିଦ୍ୟାଳୟ ଏବଂ ଏହାର ଛାତ୍ରଛାତ୍ରୀ ମଧ୍ୟ ଅସୁରକ୍ଷିତ ମନେ କରୁଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହ ବିଦ୍ୟାଳୟ ଗୁଡ଼ିକର ସୁରକ୍ଷା ପାଚେରି ନିର୍ମାଣ କରିବା ସମେତ ରାତ୍ର ଜଗୁଆଳର ବ୍ୟବସ୍ଥା କରିବାକୁ ଦାବି ହୋଇଛି।

● ଜାରି ହେଲା ବିଜ୍ଞପ୍ତି

## ବିଇଏମ୍‌ସିରେ ମିଶ୍ରଣ ହେବ ୧୪ ପଞ୍ଚାୟତ

ବ୍ରହ୍ମପୁର,୩୧।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମ(ବିଇଏମସି)ରେ ୧୪ଟି ପଞ୍ଚାୟତ ମିଶ୍ରଣ ନେଇ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବହୁବର୍ଷ ଧରି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ପକ୍ଷରୁ ବିଭିନ୍ନ ସ୍ଥାନରେ ଦାବି କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲ। କମିଟିର ଉଦ୍ୟମ ଓ ସଂଘର୍ଷ ଫଳରେ ଉକ୍ତ କାର୍ଯ୍ୟ ସଫଳ ହୋଇଥିବା କୁହାଯାଇଛି। ଫଳରେ ବୃହତ୍ତ ବ୍ରହ୍ମପୁର ମହାନଗର ନିଗମ ଗଠନର କମିଟି ଯେଉଁ ସ୍ୱପ୍ନ ଦେଖିଥିଲା ତାହା ପୂରଣ ହେବାକୁ ଯାଉଛି ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୨ ମହିଳାଙ୍କ ସମେତ ୯ ଗିରଫ

ବ୍ରହ୍ମପୁର,୩୧।୧୨(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ଚାଲିଥିବା ଜୁଆଆଡ୍ଡା ଉପରେ ପୁଲିସ ଚଢ଼ଉ କରି ୨ ମହିଳାଙ୍କ ସମେତ ୯ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ୧୪ ହଜାର ୭୪୦ ଟଙ୍କା ଜବତ କରିଛି। ନୂଆବର୍ଷ ନିମନ୍ତେ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

## ସରକାରୀ ଚାକିରି ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

# ଶ୍ରୀଜଗନ୍ନାଥ ଟ୍ରଷ୍ଟର ୩ ଗିରଫ

ବ୍ରହ୍ମପୁର,୩୧।୧୨(ସମିସ): ଚାକିରି ନାଁରେ ଗଞ୍ଜାମ ଜିଲ୍ଲାର ଶତାଧିକ ଯୁବକ/ଯୁବତୀଙ୍କଠାରୁ କୋଟିଏରୁ ଅଧିକ ଟଙ୍କା ଠକି ନେବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଶ୍ରୀଜଗନ୍ନାଥ ହ୍ୟୁମାନ୍ ଏମ୍ପାୱାରମେଣ୍ଟ ଟ୍ରଷ୍ଟ ନାମକ ଏକ ସଂସ୍ଥାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟ୍ରଷ୍ଟ ମୁଖ୍ୟ ତଥା ଭଦ୍ରକ ଜିଲ୍ଲା ପାଟନା ମିଶ୍ରପୁର ଗ୍ରାମର ସ୍ମୃତିପ୍ରଭା ମହାକୁଡ(୩୩), ଓଡ଼ିଶା ମୁଖ୍ୟ ତଥା ଗଞ୍ଜାମ ଜିଲ୍ଲା ରମ୍ଭା ନିକଟ ଗଡ଼ହୁମାର ପ୍ରଶାନ୍ତ କୁମାର ବେହେରା(୪୩) ଓ ଟ୍ରଷ୍ଟର ଗଞ୍ଜାମ ମୁଖ୍ୟ ଗୋଳନ୍ଥରା କୋଠାରସିଂର ନିରୁପମା ମହାନ୍ତି(୪୩)। ପୁଲିସ ସେମାନଙ୍କ ଠାରୁ ନକଲି ନିଯୁକ୍ତିପତ୍ର ଜବତ କରିଛି। ଏହି ସଂସ୍ଥା ତଥା ଟ୍ରଷ୍ଟ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକର ଯୁବକ/ଯୁବତୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ସୃଷ୍ଟି ହୋଇଥିବା ବିଭିନ୍ନ ପଦ ପଦବୀରେ ଚାକିରି ଦେବାକୁ କହି ଟଙ୍କା ଆଦାୟ କରିଥିବା ତଦନ୍ତରୁ ଜଣାପଡ଼ିଛି।

ସୂଚନା ପ୍ରକାରେ, ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଚଢ଼େୟାପଲ୍ଲୀର ଗୋପାଳକୃଷ୍ଣ ସେଠୀ ଶିକ୍ଷା ସମାପ୍ତ କରିବା ପରେ ଚାକିରି ସନ୍ଧାନରେ ଥିଲେ।



ବ୍ରହ୍ମପୁର ଠାରେ ଥିବା ଶ୍ରୀଜଗନ୍ନାଥ ଟ୍ରଷ୍ଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଯୁବକ/ଯୁବତୀଙ୍କୁ ସରକାରଙ୍କ ପକ୍ଷରୁ ପରିଚାଳିତ ବିଭିନ୍ନ ପ୍ରକଳ୍ପରେ କାମ ଦେଉଥିବା ସେ ଜାଣିବାକୁ ପାଇଥିଲେ। ସେହିକ୍ରମରେ ସେ ଉକ୍ତ ସଂସ୍ଥାର ଯୋଗାଯୋଗରେ ଆସିଥିଲେ। ସଂସ୍ଥା ପକ୍ଷରୁ ଚାକିରି ପ୍ରତିଶ୍ରୁତି ଦିଆଯାଇ ତାଙ୍କ ଠାରୁ ୧୨ହଜାର ୫ଶହ ଟଙ୍କା ଆଦାୟ କରାଯାଇଥିଲା। ହେଲେ ଅନେକ ମାସ ଯାଏଁ ଚାକିରି ମିଳିନଥିଲା। ସେ ଏ ବିଷୟରେ ଉକ୍ତ ଟ୍ରଷ୍ଟର କର୍ମଚାରୀଙ୍କୁ ପଚାରି କୌଣସି ସନ୍ତୋଷଜନକ ଉତ୍ତର ପାଇନଥିଲେ। ଯାଞ୍ଚ ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହି ସଂସ୍ଥା ସରକାରଙ୍କ ପ୍ରକଳ୍ପ ନାଁରେ ଜିଲ୍ଲାରୁ ଅନେକ ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିବା ଗୋପାଳକୃଷ୍ଣ ଜାଣିବାକୁ ପାଇଥିଲେ। ଘଟଣାକୁ ନେଇ ସେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏହି ଟ୍ରଷ୍ଟ ଏବଂ ଏହାର ପରିଚାଳକଙ୍କ ବିଷୟରେ ତଦନ୍ତ କରି ଆଜି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି।

## ବାଲୁକା କଳାରେ ନୂତନ ବର୍ଷକୁ ସ୍ୱାଗତ

ବ୍ରହ୍ମପୁର,୩୧।୧୨(ସମିସ): ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ବାଲୁକା କଳାକୃତି ମାଧ୍ୟମରେ ନୂତନ ବର୍ଷକୁ ସ୍ୱାଗତ ଜଣାଇଛନ୍ତି। ସେ ଗୋପାଳପୁର ବେଳାଭୂମିରେ ବାଲୁକା କଳାକୃତିରେ ସବୁ ମିଳିମିଶି ପ୍ରଚୁର ଗଛ ଲଗାଇ ପୃଥିବୀର ସନ୍ତୁଳନକୁ ରକ୍ଷା କରିବା ସହ ପଲିଥିନ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ସଚେତନା କରିଛନ୍ତି। ଶ୍ରୀ ମହାରଣାଙ୍କ ଏଭଳି କଳାକୃତିକୁ ନେଇ ବିଭିନ୍ନ ମହଲାରେ ପ୍ରଶଂସା କରାଯାଇଛି।










ସକାଳ THE SAKALA



# ଅଳିଆ ଗାଡ଼ିରେ ଲୌହ ମାନବଙ୍କ ଦରପୋଡ଼ା ଫଟୋ

ପାରଳାଖେମୁଣ୍ଡି,୩୧।୧୨(ସମିସ):

ଅଖଣ୍ଡ ଭାରତର ନିର୍ମାତା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଅସମ୍ମାନ ନେଇ ଜିଲ୍ଲାର ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଲୌହମାନବଙ୍କୁ ଚିରଦିନ ପାଇଁ ମନେ ରଖିବାକୁ ସରକାର ତାଙ୍କ ଜନ୍ମ ଦିନକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ

## ବିଭିନ୍ନ ମହଲରେ ଅସନ୍ତୋଷ, କାର୍ଯ୍ୟାନୁଷ୍ଠାନ ଦାବି

ପାଳନ କରୁଛନ୍ତି। ଗତ ଅକ୍ଟୋବର ୩୧ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏହିଦିନରେ ଏକତା ପଦଯାତ୍ରା ବେଳେ ତାଙ୍କର ପ୍ରତିମୂର୍ତ୍ତି ସ୍ୱରୂପ ଏକ ସୁନ୍ଦର ଫଟୋ କରାଯାଇଥିଲା। ଜିଲ୍ଲାସ୍ତରୀୟ ଏକତା ଦିବସ ମଧ୍ୟ ପାଳନ ହୋଇଥିଲା। ଜିଲ୍ଲାର ଅଧିକାରୀ ଫଟୋ ଚିତ୍ର ବ୍ୟବହାର କରିବା ପରେ ଦାୟିତ୍ୱ ସାରି ଦେଇଥିଲେ।




ଦାୟିତ୍ୱରେ ଥିବା ଅଧିକାରୀ କିମ୍ବା କର୍ମଚାରୀ ସେହି ଫଟୋ ଚିତ୍ରକୁ ଷ୍ଟାଡିୟମ୍ ପରିସରରେ ହିଁ ପକାଇ ଦେଇଥିଲେ। ଦୁଇ ମାସ ପର୍ଯ୍ୟନ୍ତ ସର୍ଦ୍ଦାରବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ର ପଡ଼ିରହିଥିଲା। କେହି ଦୁର୍ବୃତ୍ତ କିମ୍ବା ସଫେଇ ପରେ ଅଳିଆ ଗଦା କରି ପୋଡିବା ବେଳେ ଉକ୍ତ ଫୋଟ ଚିତ୍ରକୁ ପକାଇ ଦିଆଯାଇଥିବାରୁ ତାହା ଅଧା ପୋଡ଼ା ହୋଇ ଗଜପତି ଷ୍ଟାଡିୟମ୍ ପରିସରରେ ପଡ଼ି ରହିଥିଲା। ସୋମବାର ଓ ମଙ୍ଗଳବାର ଦିନ ସେଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସଂପଦ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳା ପାଳନ ଲାଗି ସଫାସୁତୁରା କରାଯିବା ବେଳେ ଅଧିକାରୀଙ୍କ ନଜରରେ ପଡିଥିଲେ ମଧ୍ୟ ଦରପୋଡା ଫଟୋଚିତ୍ରଟିକୁ ଅସମ୍ମାନ କରି ଗୋଟିଏ କୋଣକୁ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ତେବେ କିଛି ଗଣମାଧ୍ୟମ ପ୍ରତିନିଧି ଫଟୋ ଉତ୍ତୋଳନ କରି ସଚେତନ କରିବା ପରେ ତରବରିଆ ଭାବରେ କିଛି ସଫେଇ କର୍ମୀ ଅଳିଆ ଗାଡ଼ିରେ ନେଇ ପକାଇଥିଲେ। ଏପରି ଭାବେ ଅବର୍ଜନା ସହ ସର୍ଦ୍ଦାରଙ୍କ ଫଟୋ ବୁହା ହେବାକୁ ନେଇ ଏବଂ ସରକାରୀ ବାବୁଙ୍କ ଏଭଳି ସମ୍ମାନ ଦେବା କାର୍ଯ୍ୟକୁ ସବୁଆଡ଼େ ନିନ୍ଦା କରାଯାଉଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ପରିବେଶ ପାଇଁ ଭବାନୀପାଟଣାରୁ ପୁରୀ ପଦଯାତ୍ରା



ଜି.ଉଦୟଗିରି,୩୧।୧୨(ସମିସ): ଗତ ୨୨ ତାରିଖ ଠାରୁ ଭବାନୀପାଟଣାରୁ ୧୮ ଜଣ ବ୍ୟକ୍ତି ଚାଲି ଚାଲି ପୁରୀ ଯିବାକୁ ବାହାରିଥିବାବେଳେ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ, ବାଲିଗୁଡା, ରାଇକିଆ ହୋଇ ଜି.ଉଦୟଗିରିରେ ପହଞ୍ଚିଛି ଏହି ଦଳ। ସାଧୁସନ୍ଥଙ୍କ ସହ ଶିକ୍ଷାବିତ୍, ଭକ୍ତ, ସମାଜସେବୀ ଏଥିରେ ସାମିଲ୍ ହୋଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ପରିବେଶ ଯେପରି ପ୍ରଦୂଷଣ ହେଉଛି ତାକୁ ନିୟନ୍ତ୍ରଣ କରିବାକୁ ସମସ୍ତେ ଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି ସେମାନେ କୁହନ୍ତି। ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କିପରି ହେବ ସେ ଉପରେ ଏକ ପଦକ୍ଷେପ ବୋଲି ସୂଚନା ଦେଇଥିଲେ ଆସିଥିବା ସାଧୁସନ୍ଥ। ଜି.ଉଦୟଗିରିରେ ଏହି ବ୍ୟକ୍ତିମାନଙ୍କୁ ପାଛୋଟି ନେଇଥିଲେ ଅଞ୍ଚଳବାସୀ। ପଣ୍ଡିତ ମଙ୍ଗଲୁ ମିଶ୍ର, ସନ୍ଥ ଜଗନ୍ନାଥ ଦାସ, ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ଭଗବାନ ବିଷୋୟୀ, ନଗେନ ମହାରଣା, କୁମ୍ଭପାଣି ପରିଛା, ସନ୍ତୋଷ ନାୟକ, ତ୍ରିନାଥ ସେଠୀ, କ୍ଷୀରବନ୍ଧୁ ପ୍ରଧାନ, ରକି ଆରୁଖ, ଜଗନ୍ନାଥ ବେହେରା, ଜଗା ମହାରଣା, ମଧୁସୂଦନ ବେହେରା, ଭାଗୀରଥି ମହାରଣା, ଘାସିରାମ ଜେନା, ବିକାଶ ସାହୁ, ସଚି ମହାକୁଡ ପଦଯାତ୍ରାରେ ସାମିଲ ହୋଇଥିଲେ। ଜି.ଉଦୟଗିରିରେ ଶଙ୍କର୍ଷଣ ଡାକୁଆ, ସର୍ବେଶ୍ୱର ଡାକୁଆ, ସୁରେନ୍ଦ୍ର ଡାକୁଆ ସମସ୍ତଙ୍କୁ ପାଛୋଟି ନେଇଥିଲେ।

# ଗଛରେ ପିଟିହେଲା ବାଇକ୍; ବଙ୍ଗାଳି ମିସ୍ତ୍ରି ମୃତ

ଫିରିଙ୍ଗିଆ,୩୧।୧୨(ସମିସ): ଫିରିଙ୍ଗିଆ ବ୍ଲକ ଡ଼ିମିରିଗୁଡା ଗାଁ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବଙ୍ଗାଳି ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ୍ ଜିଲ୍ଲା ବେଳାଡାଙ୍ଗ ଅଞ୍ଚଳର ସାଗର ଅଲ୍ଲୀ। ସେ ଡ଼ିମିରିଗୁଡା ପଞ୍ଚାୟତ ପରିସରରେ ଚାଲିଥିବା କୋଠା ନିର୍ମାଣରେ ମିସ୍ତ୍ରି ଭାବରେ କାମ କରୁଥିଲେ। ପୁଲିସର ସୂଚନା ଅନୁସାରେ, ସାଗର ବୁଧବାର ସକାଳେ କୌଣସି କାମରେ ଡ଼ିମିରିଗୁଡା ଠାରୁ ପିଡିଆଗୁଡା ଗାଁକୁ ଯାଉଥିବାବେଳେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଖଜୁରୀ ଗଛରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସାଗରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ ହୋଇଛି।

■ ସର୍ବଭାରତୀୟ ଓପନ୍ କରାଟେ ପ୍ରତିଯୋଗିତା

# କନ୍ଧମାଳ ପ୍ରତିଯୋଗୀଙ୍କୁ ୧୦ ପଦକ

ଟିକାବାଲି,୩୧।୧୨(ସମିସ): ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ୧୫ତମ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାର କରାଟେ ପ୍ରତିଯୋଗୀ ଅସାଧାରଣ ସଫଳତା ହାସଲ କରିଛନ୍ତି। ଉତ୍କଳ କରାଟେ ସ୍କୁଲ ଏବଂ ସୁକକାଇ କରାଟେ ଡୁ ୟୁନିଅନ ଇଣ୍ଡିଆର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ୪ଦିନିଆ ପ୍ରତିଯୋଗିତା ଗତ ୨୭ରୁ ୩୦ ଡିସେମ୍ବର ଯାଏ ହୋଇଥିଲା। କନ୍ଧମାଳର ୫ ଜଣିଆ ଦଳ ୧୦ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। କରାଟେ ଇଣ୍ଡିଆ ଅର୍ଗାନାଇଜେସନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ବୃହତ ପ୍ରତିଯୋଗିତାରେ ୧୨୦୦ପ୍ରତିଯୋଗୀ ଭାଗ ନେଇଥିଲେ।



କଡ଼ା ପ୍ରତିଦ୍ୱନ୍ଦୀତା ମଧ୍ୟରେ କନ୍ଧମାଳର ପ୍ରତିଯୋଗୀ ୩ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୪ କାଂସ୍ୟ ପଦକ ନିଜ ନାମରେ କରିଛନ୍ତି। ବ୍ୟକ୍ତିଗତ ସଫଳତା ମଧ୍ୟରେ ସାନ୍ଭି ସାଧନା ପ୍ରଧାନ ବ୍ରାଉନ୍ ବେଲ୍ଟ ଉଭୟ ଫାଇଟ୍ ଓ କାତା ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସ୍ୱୟଂମ ମହାପାତ୍ର ବ୍ଲାକ ବେଲ୍ଟ ଫାଇଟ୍‌ରେ ସ୍ୱର୍ଣ୍ଣ ଓ କାତାରେ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ଅଭିଜିତ ପ୍ରଧାନ ଓ ପ୍ରିୟାଂଶୁ ଶେଖର ଉଭୟ ବ୍ରାଉନ ବେଲ୍ଟ ଏବଂ ଅମ୍ରିତ ମହାପାତ୍ର ଏଲୋ ବେଲ୍ଟ ନିଜ ନିଜ ବର୍ଗରେ ରୌପ୍ୟ ଓ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ଟିକାବାଲି ସ୍ଥିତ ଉତ୍କଳ କରାଟେ ସ୍କୁଲ କନ୍ଧମାଳର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ସେନସେଇ ଜୁନେସ ଦିଗାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସେନସେଇ ଗୋପାଳ ଚନ୍ଦ୍ରଙ୍କ ସହଯୋଗରେ ପିଲାମାନେ ଏହି ସଫଳତା ପାଇଥିବାରୁ ଜିଲ୍ଲାରେ ଉତ୍ସାହ ଦେଖାଦେଇଛି। ସୀମିତ ସୁବିଧା ସତ୍ତ୍ୱେ କନ୍ଧମାଳର ପ୍ରତିଭାମାନେ ଜାତୀୟ ସ୍ତରର ପ୍ରତିଯୋଗିତାରେ ନିଜକୁ ପ୍ରମାଣିତ କରିଛନ୍ତି, ବୋଲି ସେନସେଇ ଶ୍ରୀ ଦିଗାଳ ପ୍ରକାଶ କରିଛନ୍ତି।

# ଗଜପତି ଉତ୍ସବ ପ୍ରଚାରପ୍ରସାର କମିଟିର ପ୍ରଥମ ବୈଠକ



ପାରଳାଖେମୁଣ୍ଡି, ୩୧।୧୨ (ସମିସ): ଗଜପତି ଉତ୍ସବର ପ୍ରଚାର ପ୍ରସାର କମିଟିର ପ୍ରଥମ ବୈଠକ ଆଜି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହରା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଓଡିଶା ଜୀବିକା ମିଶନ ଟିମନ ବାରା, ଓରମାସ୍‌ର ଉପମୁଖ୍ୟ ନିର୍ବାହୀ ଅଧିକାରୀ ଆଶିଷ କୁମାର ରାଉଳ ଓ କମିଟି ସଦସ୍ୟ ସୁଜିତ ବିଷୋୟୀ, ସନ୍ତୋଷ ପଟ୍ଟନାୟକ, ଦିଲୀପ ଶତପଥୀ, ପ୍ରେମାନନ୍ଦ ପଣ୍ଡା, ଆମୋଦ ବର୍ଦ୍ଧନ, ବାଦଲ ବର୍ଦ୍ଧନ, ଶ୍ରୀକାନ୍ତ ମହାରଣା ଓ ବିଭୁତି ଭୂଷଣ ହୋତା ଯୋଗ ଦେଇଥିବା ବେଳେ ଉତ୍ସବର ପ୍ରଚାର ପ୍ରସାର ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ବୈଠକରେ ଆଗାମୀ ଗଜପତି ଉତ୍ସବର ଆରମ୍ଭ ପୂର୍ବରୁ ହେଉଥିବା ମଶାଲ ଶୋଭାଯାତ୍ରା ସମୟରେ ଭିଡିଓ ଓ ଫଟୋ ଉତ୍ତୋଳନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ପ୍ରଚାର ପ୍ରସାର ପାଇଁ ପ୍ରସ୍ତୁତ କରାଯାଉଥିବା ସମସ୍ତ ଫ୍ଲେକ୍ସ, ବ୍ୟାନର, ଭିଡିଓ ଆଦି ପ୍ରଚାର ପ୍ରସାର କମିଟିର ଅନୁମୋଦନ କ୍ରମେ ବ୍ୟବହାର ଉପଯୋଗୀ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିଭଳି ଫ୍ଲେକ୍ସ ଓ ଟିଜର ପ୍ରସ୍ତୁତି ସ୍ୱତନ୍ତ୍ର ଥିମ ବିଶିଷ୍ଟ ହେବା ଆବଶ୍ୟକ ଏବଂ ଜିଲ୍ଲାର ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତିକୁ ନେଇ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯେ କେହିବି ଇଚ୍ଛୁକ ବ୍ୟକ୍ତି ଆସନ୍ତା ବୈଠକରେ ପ୍ରସ୍ତୁତ କରି ଏହାର ଉପସ୍ଥାପନ କରିପାରିବେ। ସମସ୍ତ ବିଷୟ ବସ୍ତୁକୁ ଆଧାର କରି କମିଟି ଶ୍ରେଷ୍ଠ ବିଷୟକୁ ସ୍ଥିର କରିବା ପରେ ତାହା ପ୍ରଚାର ଯୋଗ୍ୟ କରିବା ପାଇଁ ମତ ପ୍ରକାଶ ପାଇଥିଲା। ସେହିପରି ବ୍ଲକ ସ୍ତରରେ ହେଉଥିବା ଉତ୍ସବର ମଧ୍ୟ ପ୍ରଚାର ପ୍ରସାର ନିମନ୍ତେ ଧ୍ୟାନ ଦେବାକୁ ଉପସ୍ଥିତ ସଦସ୍ୟ ମତ ରଖିଥିଲେ। କମିଟିର ପରବର୍ତ୍ତୀ ବୈଠକ ଆସନ୍ତା ୩ ତାରିଖକୁ ଧାର୍ଯ୍ୟ କରାଯାଇଛି।

● ଭଞ୍ଜ ଓ ମଦନ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ

# କନ୍ଧମାଳ ସିକ୍ସ ଚାମ୍ପିଅନ୍



ଟିକାବାଲି,୩୧।୧୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ବାହାଡ଼ସାହି ଛକରେ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଭଞ୍ଜ ଓ ମଦନ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସଂଘର ଉପଦେଷ୍ଟା ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଏସି ମୋର୍ଚ୍ଚାର ଉପସଭାପତି ରାମବିଶ ଦିଗାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଟିକାବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର, ବିଜେପି ବ୍ଲକ ସଭାପତି ରାଜେଶ ଦିଗାଲ, ସରପଞ୍ଚ ସୁନିତା କହଁର, ସମିତିସଭ୍ୟ ଜୁନେସ ଦିଗାଲ, ସରପଞ୍ଚ କର୍ଣ୍ଣେଲ କହଁର, ସୁବାସ ପାଣିଗ୍ରାହୀ, ମଣ୍ଟୁ ଭୋଇ, ମୁନା ପାତ୍ର ଏବଂ ଜଗନ୍ନାଥ ସାହୁ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଟିକାବାଲି ବିଡ଼ିଓ ବିଷ୍ଣୁ ବୈଷ୍ଣବ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଚଳିତ ବର୍ଷ ୨୦ ବର୍ଷରେ ପଦାର୍ପଣ କରିଥିବାରୁ ଏହାକୁ ସ୍ମରଣୀୟ କରିବାକୁ କାହ୍ନୁ ବେକେରୀ ପକ୍ଷରୁ ଭଲିବଲ୍ କୋର୍ଟ ଓ ଖେଳାଳିଙ୍କ ଚିତ୍ର ସମ୍ବଳିତ ଏକ ୧୦ କେଜିର କେକ୍ କଟାଯାଇ ଉତ୍ସବ ପାଳନ କରାଯାଇଥିଲା। ଫାଇନାଲ ମ୍ୟାଚରେ କନ୍ଧମାଳ ସିକ୍ସ ଏବଂ ରେଣ୍ଡମ ସିକ୍ସ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଶେଷରେ କନ୍ଧମାଳ ସିକ୍ସ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହୋଇଥଲା। ରେଫେରୀ ଭାବେ ଶିବ ପାଣିଗ୍ରାହୀ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଭଞ୍ଜନ କହଁର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ପ୍ରମୋଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ପ୍ରଦୀପ କହଁର, ସମ୍ପାଦକ ଶ୍ରୀକାନ୍ତ ଭୋଇ, ଉପଦେଷ୍ଟା ପ୍ରଶାନ୍ତ ବେହେରା, ସାମନ୍ତ ଦିଗାଲ, ବିଶାଳ ନାୟକ, ଗୁଡ୍ଡୁ କହଁର, ବିକ୍ରାନ୍ତ ଭୋଇ ଏବଂ ଚିକୁନୁ କହଁର ସହଯୋଗ କରିଥିଲେ।

■ ମହଙ୍ଗା ପଡ଼ିଲା ଚୋରି ସୁନା କିଣିବା

# ପ୍ରତିଷ୍ଠିତ ସୁନା ବ୍ୟବସାୟୀ ଥାନାରେ ଅଟକ

ପାରଳାଖେମୁଣ୍ଡି, ୩୧।୧୨ (ସମିସ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ଗତ କିଛିଦିନ ଧରି ବହୁ ପରିମାଣରେ ଚୋରି ମାମଲା ବଢ଼ି ଚାଲିଛି। ଘରେ ତାଲାପଡିଲା ମାନେ ଚୋର କଳାକନା ବୁଲାଉଛି। ଦୁର୍ବୃତ୍ତ ମାନେ ବେଫିକର ହୋଇପଡିଛନ୍ତି। ଆଉ ଏମାନଙ୍କୁ ସହାୟତା କରୁଛନ୍ତି ସହରର କିଛି ପ୍ରତିଷ୍ଠିତ ସୁନାବ୍ୟବସାୟୀ। ଘରେ ପଶି ସୁନା ଅଳଙ୍କାର ଚୋରାଇ ଅସାଧୁ ସୁନାବ୍ୟବସାୟୀମାନେ କମ୍ ଦାମରେ ସେମାନଙ୍କ ଠାରୁ କ୍ରୟ କରି ରାତାରାତି କୋଟିପତି ହେଉଛନ୍ତି। ଏପରି କିଛି ଘଟଣାର ଖୋଳତାଡ କରିବାକୁ ଯାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍ ସୁରାଗ ପାଇବା ପରେ ସହରର ବିଭିନ୍ନ ସୁନା ଦୋକାନ ଉପରେ ନଜର ରଖିଥିଲା। ଏହା ଭିତରେ ଆଜି ପାରଳାଖେମୁଣ୍ଡିର ଜଣେ ପ୍ରତିଷ୍ଠିତ ସୁନା ବ୍ୟବସାୟୀଙ୍କୁ ପାରଳାଖେମୁଣ୍ଡି ପୁଲିସ ଉଠାଇ ଆଣି ପଚରାଉଚରା ଜାରି ରଖିଛି।

ପ୍ରାଥମିକ ସୂଚନା ଅନୁଯାୟୀ ପାରଳାଖେମୁଣ୍ଡିରେ ଘଟିଥିବା ବିଭିନ୍ନ ଚୋରି ମାମଲା ମଧ୍ୟରୁ କୌଣସି ମାମଲାର ଚୋରି ଘଟଣାର ସୁନାକୁ ଜଣେ ସୁନା ବ୍ୟବସାୟୀ କିଣିଥିବା ପୁଲିସ ସୂଚନା ପାଇ ଆଜି ଦିନ ୧୨ଟା ସମୟରେ ଉଠାଇ ଆଣିଛି। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ଅଧିକା ସୂଚନା ନଦେଇ ଗୋପନୀୟତାର ସହ ତଦନ୍ତ ଜାରୀ ରଖିଛି। ତଦନ୍ତ ପରେ ସମସ୍ତ ଘଟଣା ସ୍ପଷ୍ଟ ହେବ ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି।

# ଗଜପତି ବିଜେପିର ନୂଆ ଟିମ୍ ଘୋଷିତ




ପାରଳାଖେମୁଣ୍ଡି,୩୧।୧୨(ସମିସ): ଭାରତୀୟ ଜନତା ପାର୍ଟିର ଗଜପତି ଜିଲ୍ଲା ସଭାପତି ନବ କିଶୋର ଶବରଙ୍କ ଦ୍ୱାରା ନୂତନ ଟିମ୍ ଘୋଷିତ ହୋଇଛି। ଆଜି ଏନେଇ ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ନେତୃବୃନ୍ଦ ଦ୍ୱାରା ଘୋଷାଣା ହୋଇଥିବା ତାଲିକା ସମ୍ପର୍କରେ ସୂଚନା ଦିଆଯାଇଛି। ଉପସଭାପତି ଭାବେ ମାମିଡି ରାଜେଶ୍ୱରୀ, ଜି. ଶ୍ରୀଧର ନାଇଡୁ, ପି. ବାବୁ ରାଓ, କୃଷ୍ଣଚନ୍ଦ୍ର ବିଷୋୟୀ, ଆର.ବିଜୟ କୁମାର, ଶିବରାମ ମହାକୁଡ, ବନ୍ଦନା ବଡ଼ମୁଣ୍ଡି, କାମଦେବ ବଡ଼ ନାୟକ ତାଲିକାରେ ରହିଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଜଗନ୍ନାଥ ମହାପାତ୍ର, ଇ. ପ୍ରଶାନ୍ତ, ଅମ୍ବିକା ପ୍ରସାଦ ଘଡାଇ, ସମ୍ପାଦକ ଭାବରେ କେ.ବେଣୁ ଗୋପାଳ, ରୋକୋମ ସତୀଶ, ଏମ. ଲୋକନାଥମ୍, ଉମା ଶଙ୍କର ପାତ୍ର, ସସ୍ମିତା ମିଶ୍ର, ରଜନୀକାନ୍ତ ରାଇତ, ମାୟାଦେବୀ ମଣ୍ଡଳ ସୁନୀତା ମଲ୍ଲିକ ରହିଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ଭି.ଭର୍ତ୍ତାରାଜୁ, ନଗର ସଭାପତି ଭାବେ ବାଳକୃଷ୍ଣ ପାତ୍ରଙ୍କ ସମେତ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ୭୦ ଜଣ ବରିଷ୍ଠ ନେତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଜିଲ୍ଲା ପ୍ରଭାରୀ ବିଶେଶ୍ୱର ଟୁଡୁଙ୍କ ଅନୁମୋଦନ କ୍ରମେ ମନୋନିତ କରାଯାଇଥିବା ବେଳେ ନୂତନ ଟିମର ସଦସ୍ୟଙ୍କୁ ଜିଲ୍ଲା ସଭାପତି ନବ କିଶୋର ଶବର ଓ ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି କେ.ନାରାୟଣ ରାଓ ଶୁଭେଚ୍ଛା ଜଣାଇଛନ୍ତି।

# ଜିରୋନାଇଟ୍ ପାଳନ ପାଇଁ ବଜାରରେ ଭିଡ଼



ପାରଳାଖେମୁଣ୍ଡି,୩୧।୧(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଜିରୋ ନାଇଟ୍ ଧୂମ୍‌ଧାମରେ ପାଳିତ ହୋଇଛି। ଡିସେମ୍ବର ୩୧ ସନ୍ଧ୍ୟାରୁ ଚାରିଆଡ଼ ରଙ୍ଗୀନ ଆଲୋକରେ ସଜ୍ଜିତ ହୋଇଥିବାବେଳେ ନୂତନବର୍ଷକୁ ସ୍ୱାଗତ କରିବାକୁ ବ୍ୟାପକ ପ୍ରସ୍ତୁତ ହୋଇଥିଲା। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବହୁ ଲୋକ ଏକାଠି ହେଉଥିବା ପରିଲକ୍ଷିତ ହୋଇଥିଲା। ମଧ୍ୟରାତ୍ର ତଥା ନୂଆବର୍ଷର ଆଗମନରେ ଲୋକେ ବିଭିନ୍ନ ଛକ ଛକରେ ରହି ବାଣ ଫୁଟାଇଥିବା ବେଳେ ପରସ୍ପରକୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ।

ନୂଆବର୍ଷର ପ୍ରଥମ ଦିନ ଗୁରୁବାର ପଡୁଥିବାରୁ ବର୍ଷ ଶେଷ ବୁଧବାର ଆମିଷ ବଜାରରେ ଅସମ୍ଭାଳ ଭିଡ଼ ହୋଇଥିଲା। ଲୋକଙ୍କ ଭିଡ଼କୁ ଦେଖି ଆମିଷ ଦୋକାନୀମାନେ ମଧ୍ୟ ସାମାନ୍ୟ ଦର ବୃଦ୍ଧି କରିଥିଲେ। ସେହିପରି ଜିଲ୍ଲାର ଗ୍ରାମାଞ୍ଚଳର ଲୋକେ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରକୁ ଆସି ବିଭିନ୍ନ ସାମଗ୍ରୀ କ୍ରୟ କରୁଥିବା ଦେଖିବାକୁ ମିଳିଥିଲା। ନୂଆବର୍ଷରେ ନୂଆ ପୋଷାକ ଜୋତା ଠାରୁ ଆରମ୍ଭ କରି ମିଷ୍ଟାନ୍ନ ଓ କେକ୍ ଦୋକାନରେ ଭିଡ ପରିଲିକ୍ଷିତ ହୋଇଥିଲା। ସେହିପରି ମହିଳାମାନେ ଆକର୍ଷଣିୟ ଝୋଟି ଦେବା ପାଇଁ ରଙ୍ଗୋଲି କ୍ରୟ କରୁଥିବାର ମଧ୍ୟ ଦେଖିବାକୁ ମିଳିଥିଲା। ବୁଧବାର ଠାରୁ କେହି କେହି ସାଙ୍ଗ ସାଥୀଙ୍କୁ ଆଗୁଆ ନୂଆ ବର୍ଷର ଅଭିନନ୍ଦନ ଜଣାଉଥିବା ଦେଖିବାକୁ ମିଳିଥିଲା।

# ଗଣ୍ଡାହାତୀ ଜଳପ୍ରପାତରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼

## ୨ କୋଟି ଟଙ୍କା ବ୍ୟୟରେ ବିକାଶ ଯୋଜନା

ରାୟଗଡ,୩୧।୧୨(ସମିସ):

ଚାଲିଛି ପିକ୍‌ନିକ୍ ଋତୁ। ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତରେ ଥିବା ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଗଣ୍ଡାହାତୀ ଜଳପ୍ରପାତରେ ପର୍ଯ୍ୟଟକଙ୍କ ନାହିଁ ନଥିବା ଭିଡ଼ ଜମୁଛି। ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ଖୁବ୍‌ଶୀଘ୍ର ଏହି ପର୍ଯ୍ୟଟନସ୍ଥଳର ବିକାଶ କରିବେ ବୋଲି ଜଣାପଡ଼ୁଛି।

ସୁନ୍ଦର ବଣ ଓ ପାହାଡ଼ିଆ ଅଞ୍ଚଳରେ ଥିବା ଗଣ୍ଡାହାତୀ ଜଳପ୍ରପାତରେ ପହଞ୍ଚିବାକୁ ହେଲେ ପାରଳାଖେମୁଣ୍ଡି ଠାରୁ ମୋହନା ରାସ୍ତାରେ ୩୦ କିମି ଆସିବାକୁ ପଡ଼େ। ବ୍ରହ୍ମପୁର ପଟୁ ଗଲେ ଆନ୍ଧ୍ରପ୍ରଦେଶର ପଲାସା ଜାତୀୟ ରାଜପଥ ପରେ ଡାହାଣ ପାଖର ରାସ୍ତାରେ ଆସିଲେ ଜାତୀୟ ରାଜପଥ ଠାରୁ ମାତ୍ର ୨୫ କିମି ପରେ ଏଠାରେ ପହଞ୍ଚି ହେବ। ପାହାଡ଼ିଆ ଅଞ୍ଚଳ ସହ ଝରଣା ପାଣିର କୁଳୁକୁଳୁ ନାଦ ସାଙ୍ଗକୁ ସୁସ୍ଥ ପରିବେଶ ପର୍ଯ୍ୟଟକଙ୍କୁ ଏଠାକୁ ଟାଣି ଆଣିଥାଏ। ଜଳପ୍ରପାତରେ ଗାଧୁଆ, ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ ସାଙ୍ଗକୁ ପାହାଡ଼ିଆ ଅଞ୍ଚଳର ଉତ୍ପାଦିତ ବିଭିନ୍ନ ପ୍ରକାର ଦ୍ରବ୍ୟ କିଣି ନେଇଥାନ୍ତି ପର୍ଯ୍ୟଟକ। ବ୍ୟସ୍ତବହୁଳ ଜୀବନ ଭିତରେ ମନକୁ ହାଲକା କରି ଫୁରୁସତ୍ ପାଇଁ ସତେ ଯେମିତ ଏହି ସ୍ଥାନ ଆପଣଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଅନାଇ ରହିଛି ଗଣ୍ଡାହାତୀ ଜଳପ୍ରପାତ। ଦିନଥିଲା ଏହି ଜାଗାକୁ ଗଣ୍ଡା ଗଣ୍ଡା ହୋଇ ହାତୀ ଆସୁଥିଲେ। ଆଉ ଏହି ସୁନ୍ଦର ଜଙ୍ଗଲ ପରିବେଶରେ ପାଣି ପାଇ ଅନେକ ଦିନ ରହିଯାଉଥିଲେ। ତେଣୁ ଏହି ସ୍ଥାନ ଓ ଜଳପ୍ରପାତ ନାଁ ଗଣ୍ଡାହାତୀ ରହିଛି। ପିକନିକ୍ ସିଜନ୍ ଆରମ୍ଭ ହୋଇଗଲେ ଓଡ଼ିଶା ଆନ୍ଧ୍ର ସମେତ ଦେଶର ଅନେକ ଅଞ୍ଚଳର ଲୋକେ ଏଠାକୁ ଛୁଟି ଆସିଥାନ୍ତି। ଉଚ୍ଚରୁ ପଡୁଥିବା ପାଣିରେ ଗାଧୋଇ ମଜା



ନେବା ସହ ରୋଷେଇ କରି ଖାଆନ୍ତି। ଭଲ ଚଲାପଥ ସାଙ୍ଗକୁ ପିଲାଙ୍କ ପାଇଁ ମିନି ପାର୍କ, ବସିବା ପାଇଁ ପିଣ୍ଡି ଆଦି ସୁବିଧା ରହିଥିବା ବେଳେ ଭଲ ସ୍ଥାୟୀ ପାର୍କିଂ ବ୍ୟବସ୍ଥା, ଗାଧୁଆ ପାହାଚ ନିର୍ମାଣ, ମହିଳା ଶୌଚାଳୟ ଓ ଲୁଗା ବଦଳାଇବା ଗୃହ ଆଦି ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ବାହାରୁ ଆସିଥିବା ପର୍ଯ୍ୟଟକ କୁହନ୍ତି। ଜଙ୍ଗଲ ବିଭାଗ ଅଧିନରେ ଏହି ସ୍ଥାନ ରହିଥିବା ଯୋଗୁ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଗାଧୁଆ ସ୍ଥାନରେ ବ୍ୟାରିକେଡିଂ କରାଯିବା ସହ ଅତ୍ୟାଧିକ ଲୋକ ସମାଗମ ହେଲେ ପୁଲିସ କର୍ମଚାରୀ ଓ ବନ ବିଭାଗର କର୍ମଚାରୀ ମିଳିତ ଭାବେ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ରୁହନ୍ତି ବୋଲି କହିଛନ୍ତି ସହକାରୀ ବନ ଅଧିକାରୀ ଅରୁଣ ବେହେରା। ସେହିପରି ଜିଲ୍ଲାର ପର୍ଯ୍ୟଟନ ଅଧିକାରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ସ୍ଥାନର ସାମଗ୍ରିକ ବିକାଶ ପାଇଁ ବହୁ ଯୋଜନା ସହ ୨ କୋଟି ୭୭ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଯାହାର ଟେଣ୍ଡର ମଧ୍ୟ ସରିଛି। ଆଗମୀ ଦିନରେ ପାଣିକୁ ସଂଚିତ ରଖି ଏହି ଜଳପ୍ରପାତରେ ଖରା ଦିନେ ମଧ୍ୟ ପାଣି ଉପରୁ ପଡ଼ିବ ସେ ବ୍ୟବସ୍ଥା କରାଯିବାକୁ କାର୍ଯ୍ୟ ଆରମ୍ଭ ହେବ। ଯଦ୍ୱାରା ବର୍ଷ ସାରା ଲୋକେ ମଜା ନେଇପାରିବେ।

